
# ବଜାରରେ ସବୁ ମିଳୁଛି !

ଗତବର୍ଷ ପ୍ରକାଶ ପାଇଥିଲା ମାଇକେଲ୍ ସ୍ୟାଣ୍ଡେଲ୍‌ଙ୍କ (ଏବେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ) ଚର୍ଚ୍ଚିତ ପୁସ୍ତକ 'ହ୍ୱାଟ୍ ମନି କ୍ୟାନ୍ ନଟ୍ ବାଏ: ଦି ମୋରାଲ୍ ଲିମିଟସ୍ ଅଫ୍ ମାର୍କେଟ୍‌ସ୍ ।' ଏଥର ପ୍ରବନ୍ଧ ସେଇ ବହିଟି ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା ବୋଲି ଗ୍ରହଣ କରାଯାଇପାରେ । ପାଠକମାନଙ୍କ ପାଇଁ ସ୍ପଷ୍ଟ କରୁଛି ଯେ ଆଗରୁ ନିଜର ଅନ୍ୟତମ ପ୍ରସିଦ୍ଧ ପୁସ୍ତକ/ବକ୍ତୃତାମାଳା 'ଜଷ୍ଟିସ୍' ପାଇଁ ଢେର୍ ସାବାସି ପାଇଛନ୍ତି ସ୍ୟାଣ୍ଡେଲ୍ ମହାଶୟ । ଏବେ ତ 'ଜଷ୍ଟିସ୍' ହାର୍ଭାର୍ଡରେ ଏକ ପ୍ରମୁଖ ପାଠ୍ୟକ୍ରମ । ଏଇ ନୂଆ ବହିରେ ସ୍ୟାଣ୍ଡେଲ୍ କହିଛନ୍ତି ଯେ ଆମେ ଏମିତି ଏକ ସମୟକୁ ସାମ୍ନା କରୁଛେ, ଯେଉଁଠି ବଜାର ତାର ଏକାଧିପତ୍ୟ ବିସ୍ତାର କରିସାରିଛି ଏବଂ ଦିନକୁ ଦିନ ଅଧିକ ଶକ୍ତିଶାଳୀ ହେଉଛି । ବିଗତ ତିନି ଦଶନ୍ଧି ଧରି ଏହା ଚାଲିଛି । ବଜାର ଏବଂ ୟାର ନିଜସ୍ୱ ବ୍ୟବସାୟିକ ମୂଲ୍ୟବୋଧ ଆମକୁ ଗୋଟାଏ ଅଦ୍ଭୁତ ନିୟନ୍ତ୍ରଣ ଭିତରକୁ ନେବାରେ ସଫଳ ହୋଇଛି ।

କେତୋଟି ଉଦାହରଣ ଦେଇଛନ୍ତି ସ୍ୟାଣ୍ଡେଲ୍ । ସେ ସବୁ ଏମିତି: କେତେକ ଦେଶରେ ବିଚାରାଧୀନ କଏଦୀମାନଙ୍କ ସାଧୀନତା ଅଛି ଯେ ଯଦି ସେମାନେ ଚାହିଁବେ ରାତିକୁ ୯୦ ଡଲାର୍ ଦେଇ ସେଇ ଜେଲ୍ ରେ ଏକ ଅପେକ୍ଷାକୃତ ନିରୋଳା ଏବଂ ସଫାସୁତୁରା ପ୍ରକୋଷ୍ଠରେ ରହିପାରିବେ । ପାଠକେ, ଏ ବ୍ୟବସ୍ଥା ଆମ ଦେଶରେ ନାହିଁ ସତ, କିନ୍ତୁ ସମସ୍ତେ ଜାଣନ୍ତି ଯେ ପଇସା ଦେଇ ନଚେତ୍ ପ୍ରଭାବ ପକେଇ ଆମ ଦେଶରେ ବିଚାରାଧୀନ କିଛି କଏଦୀ କେମିତି ରାଜାଙ୍କ ପରି ଆଟ୍‌ରେ ରହନ୍ତି ଏବଂ ଜେଲ୍ ଭିତରୁ ନିଜ ସାମ୍ରାଜ୍ୟ ଚଳାନ୍ତି । ଫେରିବା ସ୍ୟାଣ୍ଡେଲ୍‌ଙ୍କ ଉଦାହରଣକୁ । ଭିଡ ରାସ୍ତାରେ ଗାଡି ଚଳେଇବ



ପଇସା ଦେଇ କାର୍ ପୁଲ୍‌ର ବ୍ୟବହାର ଆପଣ କରିପାରିବେ । ସନ୍ତାନ ଜନ୍ମ ଦେବାକୁ ଚାହୁଁଥିବା ମହିଳାମାନେ ଜମାରୁ ବ୍ୟସ୍ତ ହେବା ଦରକାର ନାହିଁ । ମାତୃତ୍ୱର ଆଉଟ୍ ସୋର୍ସିଂ ପୁରୁଣା ହୋଇଗଲାଣି । ଏବେ ପାଶ୍ଚାତ୍ୟରୁ ଏମିତି ମହିଳାଙ୍କ ସୁଅ ଛୁଟୁଛି ଭାରତକୁ । ବାସ୍, ମାତ୍ର ୮,୦୦୦ ଡଲାର୍ ଖର୍ଚ୍ଚ କରନ୍ତୁ । ସରୋଗେଟ୍ ମଦର୍ ବା 'ଗର୍ଭପାଳିନୀ ମାଆ' (ଉଧାର ମା) ଭାରତରେ ଶସ୍ତାଭଡାରେ ମିଳୁଛନ୍ତି । ସ୍ୟାଣ୍ଡେଲ୍ କହିଛନ୍ତି, ମାତୃତ୍ୱର ଆଉଟ୍ ସୋର୍ସିଂ ପାଇଁ ଭାରତଠୁ ସୁବିଧା ଦେଶ ଆଉ ନାହିଁ । ଚମତ୍କାର ! ସ୍ୱାସ୍ଥ୍ୟ କ୍ଷେତ୍ରରେ ଜରୁରୀକାଳୀନ ସ୍ଥିତି ଉପୁଜିଲେ ଯଦି ଡାକ୍ତରଙ୍କ ମୋବାଇଲ୍‌କୁ ଆପଣ ଫୋନ୍ କରିବାକୁ ଚାହାନ୍ତି ଏବଂ ପରାମର୍ଶ ଲୋଡନ୍ତି, ଏ ସୁବିଧା ମିଳିଯିବ । ବର୍ଷକୁ ସେ ବାବଦରେ ଖର୍ଚ୍ଚ ହେବ ଦେଢ ହଜାର ଡଲାର୍ । ଶିକାର ପାଇଁ ଚାରିଆଡେ ମନା । ତେବେ ଦକ୍ଷିଣ ଆଫ୍ରିକାରେ ଗଣ୍ଡା ଶିକାର (ସୀମିତ) କରିବାକୁ ହେଲେ ଦେବାକୁ ପଡିବ ୨୫୦,୦୦୦ ଡଲାର୍ । ଗରାଖ ଏଥିପାଇଁ ଭିଡ କରୁଛନ୍ତି । ଟଙ୍କା ବଡ ନୁହେଁ, ଗୋଟାଏ ବଡ ଜନ୍ତୁକୁ ମାରିବାର ପୈଶାଚିକ ଆନନ୍ଦ ଓ ରୋମାଞ୍ଚ ନିଆରା । କୌଣସି ବ୍ରାଣ୍ଡର ବିଜ୍ଞାପନ ଆପଣଙ୍କ କପାଳରେ ଲେଖାହେବ- ଏଥିପାଇଁ କମ୍ପାନି ୧୦,୦୦୦ ଡଲାର୍ ଆପଣଙ୍କୁ ଦେବାକୁ ପ୍ରସ୍ତୁତ । କୌଣସି କମ୍ପାନି ନୂଆ ଔଷଧ ବଜାରକୁ ଛାଡିବା ଆଗରୁ ଏକାଧିକ ପରୀକ୍ଷା କରିଥାନ୍ତି, ମଣିଷଙ୍କ ଉପରେ । ପାଶ୍ଚାତ୍ୟରେ ଏଥିପାଇଁ ଗୁଡାଏ କଟକଣା ଥିବାରୁ ବହୁରାଷ୍ଟ୍ରୀୟ କଂପାନିମାନେ ଏବେ ଭାରତ ପରି ଗରିବ ଦେଶମୁହାଁ । ଏଠି ମଣିଷ ଜୀବନ ଶସ୍ତା ଏବଂ ପରୀକ୍ଷା ପାଇଁ କମ୍ପାନିମାନଙ୍କର ଖର୍ଚ୍ଚ ତୁଳନାତ୍ମକ ଭାବେ କମ୍ । ୭,୫୦୦ ଡଲାର୍ ଖର୍ଚ୍ଚ କଲେ ଢେର୍ । (ନିକଟରେ ଏ ଲେଖକ ଗୁଜରାଟରେ ଥିବାବେଳେ ଜାଣିବାକୁ ପାଇଥିଲା ଯେ ଅହମଦାବାଦ ସ୍ଲମ୍‌ରେ ମଣିଷ ପରୀକ୍ଷା ବେପାର ଭଲ ଚାଲିଛି) ପଇସା ଖର୍ଚ୍ଚ କରି ଆପଣ ପରିବେଶ ମଧ୍ୟ ପ୍ରଦୂଷିତ କରିପାରିବେ । ସ୍ୟାଣ୍ଡେଲ୍ ଉଲ୍ଲେଖ କରିଛନ୍ତି ଯେ ୟୁରୋପୀୟ ୟୁନିୟନ୍‌ର ସର୍ତ୍ତାବଳୀ ଆଧାରରେ ଏକ ମେଟ୍ରିକ୍ ଟନ୍ କାର୍ବନ୍ ଜନିତ ପ୍ରଦୂଷଣ ପାଇଁ ଗୋଟାଏ କମ୍ପାନିକୁ ୧୮ ଡଲାର୍ ଦେବାକୁ ପଡିବ । କାର୍ବନ ବିକ୍ରି/ଟ୍ରେଡିଂ ଏବେ ଏକ ଲାଭଜନକ ବ୍ୟବସାୟ ।

ପାଠକେ, ସ୍ୟାଣ୍ଡେଲ୍ ମହୋଦୟଙ୍କ ମତ ଯେ ଶୀତଳ ଯୁଦ୍ଧର ଅବସାନ ପରେ ବଜାରର ପ୍ରଭାବ ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଥିଲା । ସାମଗ୍ରୀର ଉତ୍ପାଦନ ଏବଂ ବଣ୍ଟନ ମାମଲାରେ ପୃଥିବୀର ଏତେ ଅଧିକ ଦେଶରେ ବଜାର ବ୍ୟତୀତ ଅନ୍ୟ କୌଣସି ବ୍ୟବସ୍ଥା ଏତେ ଶକ୍ତିଶାଳୀ ହେବାର ନଜିର୍ ନାହିଁ । ମଜା କଥା ହେଉଛି ଯେ ଅନେକ ଏ କଥା ଜାଣନ୍ତି, ମାତ୍ର ବଜାରର ଯନ୍ତା ଭିତରକୁ ଯିବା ବେଳେ ଜମାରୁ ଆପତ୍ତି ଉଠାନ୍ତି ନାହିଁ । ବଜାରର ଆପଣା ମୂଲ୍ୟବୋଧ, ନିଜସ୍ୱ ଭାଷା ଏବଂ ଅଭିଧାନକୁ ବୁଝିବାପାଇଁ ତେଣିକି ଆମକୁ ସମୟ ଲାଗେ ନାହିଁ । ବଜାର ଏମିତି ନିଜର ସାମ୍ରାଜ୍ୟ

ବଢ଼େଇ ଚାଲିଲା ଏବଂ ଏମିତି ଏକ ସମୟରେ ପାଦ ଥାପିଲା ଯେତେବେଳେ ବଜାର ଆମର ଜୀବନସୂଚୀରେ ସର୍ବାଗ୍ରେ ରହିଲା । ୨୦୦୮-୦୯ରେ ଆରମ୍ଭ ହୋଇଥିବା ଭୀଷଣ ମାନ୍ଦା ଅର୍ଥନୈତିକ ଅବସ୍ଥା (ରିସେସନ୍) ଆମ ନିଦ ଭାଙ୍ଗିଦେଲା । ତେବେ ବିଳମ୍ବ ହୋଇ ସାରିଥିଲା ଏବଂ କ୍ରମେ ସାରା ପୃଥିବୀକୁ ଏ ଦଶା ଭୋଗିବାକୁ ପଡ଼ିଲା । ଆମେ ଅବଶ୍ୟ ଭାବିବାକୁ ଆରମ୍ଭ କଲୁ, ଆଉ କେତେ ବାଟ ? ବଜାରର ଏ ନିରଙ୍କୁଶ ଆଧିପତ୍ୟ (ବଜାର କାଏମ୍ ହୋ !) ଆଉ କେତେ ଦିନ ? ସବୁ କ୍ରମଶଃ ସ୍ପଷ୍ଟ ହୋଇ ଆସୁଥିଲା । ବଜାର ଏକଦମ୍ ଲଗାମ୍ ଛଡ଼ା ହୋଇସାରିଛି । ନୈତିକତା ସହିତ ଦୂର ଦୂରାନ୍ତ ଯାଏ ଯାର ସମ୍ପର୍କ ହିଁ ନାହିଁ । ଆଉ ଏବେ ସମୟ ଆସିଛି ଅଙ୍କା ଭିଡ଼ିବା ପାଇଁ /ସନ୍ତୁଳନ ଆଣିବା ପାଇଁ । ଉଭୟକୁ ପରସ୍ପର ସହିତ ଯୋଡ଼ିବା ପାଇଁ ।

ଆମେ ବୁଝିସାରିଥିଲେ ଯେ ବଜାରକୁ, ଯାର ମୂଳସତ୍ତାକୁ କବ୍‌ଜା କରି ରଖିଛି ପ୍ରଚଣ୍ଡ ଲୋଭ । (ଲାଭ ନୁହେଁ, କାରଣ ବ୍ୟବସାୟର ଉଦ୍ଦେଶ୍ୟ ଲାଭ) ଅର୍ଥାତ୍, ନିଜ ଉପରେ ହିଁ ସବା ଆଗ ନିୟନ୍ତ୍ରଣ ଆଣିବା ପାଇଁ ପଡ଼ିବ, ଆମକୁ । ଜୀବନରେ ଅଧିକ ଦାୟିତ୍ୱବୋଧ ଏବଂ ଅଧିକ ସଂଗତିକୁ ଆପଣେଇବାକୁ ପଡ଼ିବ । ନାଗରିକ ହିସାବରେ ଏଥିପାଇଁ ଲୋଡ଼ାହେବ ତର୍କର, ବିଚାର-ବିମର୍ଶର । ଧୂଆଁରେ ଘୋଡ଼େଇ ହୋଇ ଯାଇଥିବା ପର୍ଦାକୁ ନୂଆ ଦୃଷ୍ଟିରେ ଅନ୍ତତଃ ଦେଖିବାକୁ ପଡ଼ିବ । ପ୍ରଚାର/ବିଜ୍ଞାପନ ଏ ସବୁ ଆମକୁ ଠକେଇ ପାରିବେ ନାହିଁ । ଏକ ଉଦାହରଣ ଦେଇ ସ୍ୟାଣ୍ଡେଲ୍ କହିଛନ୍ତି ଯେ କେଇ ବର୍ଷ ଧରି ଖବରକାଗଜ ପୃଷ୍ଠାରେ ଏବଂ ଟି.ଭି.ରେ ଔଷଧ ନିର୍ମାତାମାନେ ଯେଉଁ ବିଜ୍ଞାପନମାନ ଦେଉଛନ୍ତି, ସେସବୁରୁ ଜଣେ ସହଜରେ ଅନୁମାନ କରିପାରିବ ଯେ ପୃଥିବୀରେ ମାଲେରିଆ ପରି ଘାତକ ରୋଗ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ଠୁ କାହିଁ କେତେଗୁଣ ଘାତକ/ମାରାତ୍ମକ ହେଉଛି ଧ୍ୱଜଭଙ୍ଗ, ସହବାସରେ ଅସାମର୍ଥ୍ୟ-ଯାହା ବିଜ୍ଞାପନ ଅନୁରୂପ ସତ୍ୟ ନୁହେଁ । ସେ ଏକଥା ମଧ୍ୟ କହିଛନ୍ତି ଯେ ସମ୍ବାଦ/ତଥ୍ୟ ଏବଂ ବିଜ୍ଞାପନ ଭିତରେ ପାର୍ଥକ୍ୟ ପ୍ରାୟ ଲୋପପାଇବାକୁ ବସିଛି । ସ୍ୱାସ୍ଥ୍ୟ, ଶିକ୍ଷା, ନିରାପତ୍ତା, ପରିବେଶ ଏବଂ ପ୍ରଜନନକୁ ନେଇ ଏ ଭବ୍ୟ ପ୍ରହସନ ୩୦ ବର୍ଷ ତଳେ ନଥିଲା । ତାଙ୍କ ମତରେ ଏହାର ଦୁଇଟି କାରଣ ଅଛି । (୧) ଭୟଙ୍କର ଅସମାନତା/ବୈଷମ୍ୟ ଯାହା ପ୍ରକୃତରେ ଦାରିଦ୍ର୍ୟଠୁ ଅଧିକ ଯନ୍ତ୍ରଣାଦାୟକ । ଯଦି ଆପଣଙ୍କ ପାଖରେ ପଇସା ଅଛି । ତେବେ ସୌଖୀନ କାର୍, ବିଳାସପୂର୍ଣ୍ଣ ହୋଟେଲ୍/ରିସୋର୍ଟରେ ରହଣି, ଅଭିଜାତ ପୋତରେ ଘରୋଇ ଜଳଯାତ୍ରା- ଏସବୁ ଅକ୍ଳେଶରେ କରିହେବ । ଅତୀତରେ ଏସବୁ ମଧ୍ୟ ଥିଲା । ତେବେ ସଂପଦ/ସାମଗ୍ରୀ ବଣ୍ଟନର ଏତେ ଉଗ୍ର ଧ୍ରୁବୀକରଣ ଦେଖାଯାଉନଥିଲା । (୨) ଦ୍ୱିତୀୟ କାରଣ ହେଉଛି, ବଜାରର ଚରିତ୍ର ସ୍ଖଳନ/ଚାରିତ୍ରିକ ଦୁର୍ନୀତି । ସ୍ୟାଣ୍ଡେଲ୍‌ଙ୍କ ମତରେ ଦୁର୍ନୀତି କହିଲେ କେବଳ ଲାଞ୍ଚ/କିକ୍‌ବ୍ୟାକ୍‌କୁ ସୀମିତ ଅର୍ଥରେ ବୁଝାଏ ନାହିଁ । ନିର୍ଦ୍ଦିଷ୍ଟ ଏକ ସାମାଜିକ

ବ୍ୟବସ୍ଥାର ଅବମୂଲ୍ୟାୟନ ଦୂର୍ନୀତିର ଚରମ ଉଦାହରଣ । ଜଣଙ୍କର ଯୋଗ୍ୟତା ଅଛି କିନ୍ତୁ ଡୋନେସନ୍ ଦେବାର ସାମର୍ଥ୍ୟ ନ ଥିବାରୁ ସେ ପଢ଼ିବାକୁ ଚାହୁଁଥିବା ଅନୁଷ୍ଠାନରେ ଭର୍ତ୍ତି ହୋଇପାରୁନାହିଁ।

ସଂସାରର ସବୁ ଭଲ ଜିନିଷ ପଣ୍ୟ ହୋଇ ବଜାରକୁ ଆସିବ, ବିକ୍ରି ହେବ ଏବଂ ସେସବୁକୁ ହାସଲ କରିବା ପାଇଁ କେବଳ ପଇସା ହିଁ ମାଧ୍ୟମ ହେବ- ଏହାଠୁ ଦୁଃଖଦ ଆଉ କ'ଣ ଥାଇପାରେ ! ସ୍କୁଲରେ ପିଲାଏ ଅଧିକ ବହି ପଢ଼ିଲେ ଆପଣ ପ୍ରୋତ୍ସାହନ ପାଇଁ ସେମାନଙ୍କୁ ପଇସା ଦେବେ, ହୁଏତ ଗୋଟାଏ ସ୍ତର ପର୍ଯ୍ୟନ୍ତ ଏଇଟା କାମ କରିପାରେ, ତେବେ ଏମିତି କାର୍ଯ୍ୟକ୍ରମ ଅବ୍ୟାହତ ରହିଲେ ପିଲାଏ ମୋଟେ ଜାଣିପାରିବେନି ଯେ ଟଙ୍କା ପଇସା ପ୍ରୋତ୍ସାହନ ବାଦ୍ ବହି ପଢ଼ାର ଅବଦାନ ଜୀବନରେ କାହିଁ କେତେ ଅମୂଲ୍ୟ ! ବ୍ୟକ୍ତି ଠାରୁ ଅନୁଷ୍ଠାନର ସଂକ୍ରମଣ ଅଧିକ ମାରାତ୍ମକ । ନିଜ ଦେଶବାସୀଙ୍କ ବଳିଦାନ ଆପଣ ଚାହାନ୍ତି ନାହିଁ। ଯୁଦ୍ଧ କିନ୍ତୁ ଲଢ଼ିବା ପାଇଁ ପଡ଼ିବ । ବାସ୍, ଯୁଦ୍ଧ ପାଇଁ ଆପଣ ଭଡାରେ ସୈନ୍ୟ ବାହିନୀ ଯୋଗାଡ଼ କଲେ । ଦେଶବାସୀ ସୁରକ୍ଷିତ ରହିପାରନ୍ତି ସତ, କିନ୍ତୁ ସେ ଦେଶର ଦେଶପ୍ରେମ କଣ ଦୂର୍ନୀତିଗ୍ରସ୍ତ ହେବ ନାହିଁ ? ଭଡାରେ କଣ ଦେଶପ୍ରେମ ଚାଲିବ ?

ସ୍ୟାଣ୍ଡେଲ୍ ଏକଥା ମଧ୍ୟ କହିଛନ୍ତି- ଯେଉଁମାନେ ଭାବନ୍ତି ଯେ ବଜାର ନିଜେ ନିଷ୍କ୍ରିୟ, ତାର ନିଜର ଆତ୍ମା ନାହିଁ, ଏହାକୁ ସତ୍ୟ ବୋଲି ସ୍ୱୀକାର କରି ହେବ ନାହିଁ। ହଁ, ପଣ୍ୟ ହୁଏତ ଜଡ ହୋଇପାରେ, ନିର୍ଜୀବ ହୋଇପାରେ, କିନ୍ତୁ ପରସ୍ତ ପରସ୍ତ ପ୍ଲଟ ମାଖି ତା ଉପରେ ଯେଉଁ ସୈତାନ ସବାର ହୋଇଛି, ତାର ପ୍ରଭାବ ସୁଦୂରପ୍ରସାରୀ । ପୁଣି ଖୋଦ୍ ମଣିଷ ଯେତେବେଳେ ପଣ୍ୟ ହୋଇ ବଜାରରେ ଠିଆ ହୋଇଛି, ସାରା ସଂସାରରେ ମାନବିକ ମୂଲ୍ୟବୋଧର ସାମଗ୍ରୀକରଣ ଚୂଡ଼ାନ୍ତ ହୋଇସାରିଛି ବୋଲି ଧରି ନେବାକୁ ହେବ । ଅତୀତରେ କ୍ରୀତଦାସ ବଜାରରେ ବିକାକିଣା ହେଉଥିଲେ । ଅବିକଳ ସେମିତି ନହେଲେ ହେଁ ପାଖାପାଖି ସମାନ ବିଷଚକ୍ର ଆଜି ବି ଆମକୁ ବିଷାକ୍ତ କରୁଛି, ଅର୍ଥାତ୍, ମଣିଷର ଅବମୂଲ୍ୟାୟନ ଅପରିବର୍ତ୍ତିତ ରହିଛି। ଯାର ଅର୍ଥ ନୁହେଁ ବଜାର ଏକଦମ୍ ଅପସରି ଯିବ, କାରଣ ସଭ୍ୟତା ଏବଂ ସଂପର୍କର ବିକାଶରେ ବଜାରର ଅଛି ଐତିହାସିକ ଭୂମିକା । ତେବେ ସମୟ ଆସିଛି, ଆମକୁ ନିଷ୍ପତ୍ତି ନେବା ପାଇଁ ପଡ଼ିବ- ଆମେ ପ୍ରକୃତରେ କଣ ଚାହୁଁଛୁ ? ବର୍ତ୍ତମାନର ବଜାରଭିତ୍ତିକ ଅର୍ଥନୀତି ନା ଏମିତି ଏକ ସମାଜ ଯେଉଁଠି ବଜାର ହୁଏତ ସୁସ୍ଥ ଥିବ, କିନ୍ତୁ ବିଧାତା ହୋଇ ନଥିବ । ଜୀବନର ମଙ୍ଗ ଧରୁନଥିବ । ଆମକୁ ସ୍ଥିର କରିବା ପାଇଁ ପଡ଼ିବ, ବଜାରରେ କଣ ବିକ୍ରି ହେବ, କଣ ନ ହେବ । କଖାରୁ ନା କିଡ୍ନୀ, ସ୍କୁଲ କଲେଜରେ ୟୁନିଫର୍ମ ନା ଖୋଲାବଜାରରେ ସିଟ୍‌ର ନିଲାମ । ବଜାର ଏବଂ ଅଣବଜାର ମୂଲ୍ୟବୋଧ ଗୁଡାକୁ ଅଲଗା ଧାଡ଼ିରେ ସଜାଡ଼ି ରଖିବା ପାଇଁ ପଡ଼ିବ,

ଆମକୁ । ପଇସାର ରାଜ୍ ସବୁଠି ଚଳିବ ନାହିଁ । ତେବେ ନିରାଟ ସତ ହେଉଛି ଯେ ଆମ ପାଖରେ ବିକ୍ରି ହେବାକୁ ନଥିବା ଦ୍ରବ୍ୟ ଖୁବ୍ କମ୍ ବାକି ଅଛି । ସେତକ ଉପରେ 'ଫର୍ ସେଲ୍' ଷ୍ଟିକର ଲଗାଯିବା ଆଗରୁ ବଜାର ଏବଂ ନୈତିକତାର ବିତର୍କକୁ ରାଜରାସ୍ତାକୁ ଆଣିବା ପାଇଁ ପଡିବ ।

କେଇଦିନ ତଳେ ଜଣେ ବନ୍ଧୁ ଏସ୍‌ଏମ୍‌ଏସ୍ ପଠାଇଥିଲେ । ଆପଣ ଜାଣନ୍ତି ଯେ ଏସ୍‌ଏମ୍‌ଏସ୍‌ର ମୂଳ ଉତ୍ସ ସାଇବର୍ ଜଗତରେ ତଲାସ କରିବା କାଠିକର ପାଠ । ତାହା ଥିଲା ଏମିତି । ଅନ୍ୟ କେଉଁଠି ଘଟୁଥାଉ ବା ନଥାଉ ଭାରତର ନବ୍ୟ-ଉଦାର, ଅଗ୍ରଣୀ ଅର୍ଥନୀତି ମଣିଷ ଜାତିର ଇତିହାସରେ ଏକ ବିରଳ ରେକର୍ଡ ସ୍ଥାପନ କରିଛି । ପ୍ରଥମଥର ପାଇଁ ଭାରତରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ (ଆବଶ୍ୟକତା), ଆରାମ ଏବଂ ବିଳାସର ମୂଲ୍ୟ ସମାନ ସ୍ଥିତିରେ ପହଞ୍ଚିଛି । ଅର୍ଥନୀତି/ଶାସନତନ୍ତ୍ର ବଜାର ଉପରୁ ନିୟନ୍ତ୍ରଣ ସଂପୂର୍ଣ୍ଣ ହରେଇ ସାରିବା ପରେ ଏବେ ଏକ କିଲୋଗ୍ରାମ ପିଆଜ, ଏକ ଲିଟର ପେଟ୍ରୋଲ୍ ଏବଂ ଏକ ବୋତଲ ବିୟରର ମୂଲ୍ୟ ସମାନ-ଟ.୭୫/- । ମୁଁ ଉତ୍ତର ଦେଇଥିଲି ଯେ ନିକଟରେ ପ୍ରକାଶିତ ଆମ ଅଜବ ଅନ୍ତର୍ଭୁକ୍ତି ଅର୍ଥନୀତିର ଅଙ୍କକଷା ଅନୁଯାୟୀ ଯଦି ଗ୍ରାମାଞ୍ଚଳରେ ଜଣଙ୍କ ମୁଣ୍ଡପିଛା (ଦୈନିକ) ଖର୍ଚ୍ଚ ଟ.୨୭.୨୦, ତେବେ ସେ କୌଣସି ମତେ ଦରିଦ୍ର ହୋଇନପାରେ । ପିଆଜଠୁ ମଣିଷ ଜୀବନର ଭାଉ ତ ଆହୁରି କମ୍ ! ତେବେ ବଜାରରେ ତ ସବୁ ମିଳୁଛି ! *

(ସମ୍ବାଦ, ସେପ୍ଟେମ୍ବର ୧୧, ୨୦୧୩)